[2008] 2 S.C.R. 182

# ମେସର୍ସ ମାରୁତି କ୍ଲିନ୍ କୋଲ ଏବଂ ପାୱାର ଲିମିଟେଡ

ବନାମ

ବି.ଏଲ୍.ୱାଧେରା ଏବଂ ଅନ୍ୟମାନେ

(ସ୍ଥାନାନ୍ତରଣ ଆବେଦନ (ଦେୱାନୀ)ସଂଖ୍ୟା-813/2007)

ଜାନୁଆରୀ 29, 2008

**(ଡଃ ଅରିଜିତ ପଶାୟତ ଏବଂ ପି. ସଦାଶିବମ, ନ୍ୟାୟମୂର୍ତ୍ତିଦ୍ୱୟ)**

*ମାମଲାଗୁଡ଼ିକର ସ୍ଥାନାନ୍ତରଣ:*

*ସ୍ଥାନାନ୍ତରଣ ଆବେଦନ- ଛତିଶଗଡ଼ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ କିଛି ରିଟ୍ ଆବେଦନଗୁଡ଼ିକ, ରିଟ୍ ଅପିଲଗୁଡ଼ିକ ଏବଂ ରାଜ୍ୟର ଦେୱାନୀ ନ୍ୟାୟାଳୟରେ ବିଚାରାଧୀନ କିଛି ମାମଲାକୁ ସ୍ଥାନାନ୍ତର କରିବାକୁ ଦାବି – ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏସ୍.ଏଲ୍.ପି. ରେ ସର୍ବୋଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଛି – ଦର୍ଶାଯାଇଛି: ସ୍ଥାନାନ୍ତର ଆବେଦନ ଏବଂ ଏସ୍.ଏଲ୍.ପି. ନିର୍ଦ୍ଦେଶ ସହିତ ପରିସମାପ୍ତି କରାଯାଇଛି, ଅନ୍ୟାନ୍ୟ ବିଷୟ ମଧ୍ୟରେ: ପକ୍ଷମାନେ ନିର୍ଦ୍ଦିଷ୍ଟ ତାରିଖରେ ଉଚ୍ଚ ନ୍ୟାୟାଳୟଙ୍କର ମୁଖ୍ୟ ନ୍ୟାୟାଧୀଶଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ସମ୍ମୁଖରେ ହାଜର ହେବେ - ସମସ୍ତ ରିଟ୍ ଆବେଦନଗୁଡ଼ିକୁ ସଂଲଗ୍ନ କରାଯିବ ଏବଂ ଏକ ଖଣ୍ଡ ପୀଠ ଦ୍ୱାରା ରିଟ୍ ଅପିଲଗୁଡ଼ିକ ସହିତ ଶୁଣାଣି କରାଯିବ- ମୁଖ୍ୟ ନ୍ୟାୟାଧୀଶଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିମ୍ନ ନ୍ୟାୟାଳୟଗୁଡ଼ିକରେ ବିଚାରାଧୀନ ଦେୱାନୀ ମାମଲାଗୁଡ଼ିକୁ ରିଟ୍ ଆବେଦନ ଏବଂ ରିଟ୍ ଅପିଲ ସହିତ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ସ୍ଥାନାନ୍ତର କରିବେ - ଯଦି ଉଚ୍ଚ ନ୍ୟାୟାଳୟ ନିକଟରେ ବିଚାରାଧୀନ ବିବାଦ ସମ୍ବନ୍ଧୀୟ ମାମଲାଗୁଡ଼ିକ ଏହି ଆଦେଶ ପରେ ଦାଖଲ ହୁଏ, ତେବେ ତାହାକୁ ଉଚ୍ଚ ନ୍ୟାୟାଳୟଙ୍କର ଉକ୍ତ ଖଣ୍ଡ ପୀଠକୁ ସ୍ଥାନାନ୍ତର କରାଯାଇ ଶୁଣାଣି କରାଯିବ - ଆବେଦନକାରୀମାନେ ଏସ୍.ଏଲ୍.ପି. ରେ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡ ପୀଠଙ୍କ ସମ୍ମୁଖରେ ଏଥିରେ ଆପତ୍ତି କରାଯାଇଥିବା ଆଦେଶର ସମ୍ବୋଧନ/ ବିଲୋମ ସମାଧାନ ପାଇଁ ଅନୁରୋଧ କରିପାରିବେ ।*

*ଟି.ଏନ୍.ଗୋଡ଼ାବର୍ମନ ତିରୁମୁଲପଦ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* **[2006] 5 SCC 28- ଉଦ୍ଧୃତ ।**

ଦେୱାନୀ ମୂଳ /ଅପିଲ ଅଧିକାରିତା : ସ୍ଥାନାନ୍ତରଣ ଆବେଦନ (ଦେୱାନୀ) ସଂଖ୍ୟା- 813/2007 ।

ସହିତ

ଏସ୍.ଏଲ୍.ପି.(ସି) ସଂଖ୍ୟା- 21632/2007, ଏସ୍.ଏଲ୍.ପି.(ସି) ସଂଖ୍ୟା- 20238/2006, ଏସ୍.ଏଲ୍.ପି.(ସି) ସଂଖ୍ୟା- 20238/2006 ରେ ଅବମାନନା ଆବେଦନ(ସି) ସଂଖ୍ୟା- 275/2007 ଏବଂ ଟି.ପି.(ସି)ସଂଖ୍ୟା- 813/2007 ରେ ଅବମାନନା ଆବେଦନ(ସି) ସଂଖ୍ୟା- 14/2008 ।

ଆବେଦନକାରୀଙ୍କ ପାଇଁ ମୁକୁଲ ରୋହତଗି, ରଞ୍ଜିତ କୁମାର, ଭି.କ୍ରିଷ୍ଣମୂର୍ଥୀ, ରାମ ଜେଠମଲାନୀ, ସି.ଏସ୍.ବୈଦ୍ୟନାଥନ୍, ସି.ମୁଖୋପାଧ୍ୟା, ଅମିତ ସିଵଲ, ଟି.ରାଜା, ମେସର୍ସ ସୁରେଶ ଏ.ସ୍ରୋଫ୍ ଏବଂ କୋ. ଏବଂ ସେଂଥିଲ ଜଗଦୀଶନ ।

ଉତ୍ତରଦାତାମାନଙ୍କ ପାଇଁ ଗୋପାଲ ସୁବ୍ରମଣିଅମ, ଏ.ଏସ୍.ଜି., ପି.ପି.ରାଓ, ଅଶୋକ ଏଚ୍.ଦେସାଇ, କେ.କେ.ବେନୁଗୋପାଲ, ରବି ଶଙ୍କର ପ୍ରସାଦ , ଅଜିତ କୁମାର ସିହ୍ନା, ଜିତେନ୍ଦ୍ର ମୋହନ ଶର୍ମା, ରୁଦ୍ରେଶ୍ୱର ସିଂହ, କୌଶିକ ପୋଦ୍ଦାର, କୁମାର ରଞ୍ଜନ, ଗୋପାଲ କୁମାର ଝା, ସଞ୍ଜୟ ଜୈନ, ସମୀର ପାରେଖ (ମେସର୍ସ ପାରେଖ ଏବଂ କୋ.ଙ୍କ ପାଇଁ), ବିଶ୍ୱଜିତ ସିଂହ, ଅରବିନ୍ଦ କୁମାର ଶୁକ୍ଳା, ଡି.ଡି.କାମଥ, ଶ୍ୱେତା ଗର୍ଗ, ଦେବଦତ୍ତ କାମତ, ଡି.ଏସ୍.ମାହରା, ସୁପର୍ଣ୍ଣା ଶ୍ରୀବାସ୍ତବ ଏବଂ ରାଜେଶ ଶ୍ରୀବାସ୍ତବ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**ଡଃ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା** । ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ପାଲଟା ସତ୍ୟପାଠ ଦାଖଲ କରିବାରେ ବିଳମ୍ବକୁ କ୍ଷମା କରାଗଲା । ସଂଶୋଧନ ଅନୁମତିପ୍ରାପ୍ତ ।

ସ୍ଥାନାନ୍ତର ଆବେଦନରେ, ଛତିଶଗଡ ଉଚ୍ଚ ନ୍ୟାୟାଳୟ, ରିଟ୍ ଅପିଲଗୁଡ଼ିକ ଏବଂ ଛତିଶଗଡ଼ ରାଜ୍ୟର ନିମ୍ନ ନ୍ୟାୟାଳୟରେ ଦାଖଲ ହୋଇଥିବା କିଛି ରିଟ୍ ଆବେଦନଗୁଡ଼ିକ ସ୍ଥାନାନ୍ତର ପାଇଁ ପ୍ରାର୍ଥନା କରାଯାଇଛି । ଏସ୍.ଏଲ୍.ପି.(ସି) ସଂଖ୍ୟା-21632/2007 ରେ, ରିଟ୍ ଅପିଲ ସଂଖ୍ୟା- 267/2007 ରେ ତା31.10.2007ରିଖରେ ପାରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ଆପତ୍ତି କରାଯାଇଛି ।

ସ୍ଥାନାନ୍ତର ଆବେଦନ ଏବଂ ବିଶେଷ ଅନୁମତି ଆବେଦନରେ ଆବେଦନକାରୀମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଯଦିଓ ଉପରୋକ୍ତ ସମସ୍ତ ମାମଲାରେ ବିବାଦର ବିଷୟବସ୍ତୁଟି ଟି.ଏନ୍.ଗୋଡ଼ାବର୍ମନ ଥିରୁମୁଲପାଦ ବନାମ ଭାରତ ସଂଘ ଏବଂ ଅନ୍ୟମାନେ (2006 (5) SCC 28), ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଦ୍ୱାରା ବ୍ୟାପକ ଭାବରେ ଆବୃତ ହୋଇଛି ତଥାପି ଉକ୍ତ ମାମଲାରେ ରାୟର ପ୍ରଭାବକୁ ଦୂର କରିବା ପାଇଁ ନୂତନ ମାମଲା ପର୍ଯ୍ୟାୟ ଆରମ୍ଭ ହୋଇଛି କିମ୍ବା କରାଯାଇଛି । ଏହାକୁ ଉତ୍ତରଦାତାମାନଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଧିବକ୍ତା ଦୃଢ଼ ଭାବରେ ଅସ୍ୱୀକାର କରିଛନ୍ତି ।

ବିବାଦର ପ୍ରକୃତିକୁ ବିଚାର କରି, ଆମେ ଭାବୁଛୁ ଯେ, ନ୍ୟାୟର ସ୍ୱାର୍ଥ ସର୍ବୋତ୍ତମ ଭାବରେ ପରିଚାଳିତ ହେବ ଯଦି ସ୍ଥାନାନ୍ତର ଆବେଦନ (ସ୍ଥାନାନ୍ତର ଆବେଦନରେ ଆଇ.ଏ. ସଂଖ୍ୟା- 2 ଏବଂ 3 ସହିତ) ଏବଂ ବିଶେଷ ଅନୁମତି ଆବେଦନକୁ ନିମ୍ନଲିଖିତ ସର୍ତ୍ତାବଳୀରେ ସମାଧାନ କରାଯାଏ:

1. ସ୍ଥାନାନ୍ତର ଆବେଦନ ଏବଂ ଆଇ.ଏ. ସଂଖ୍ୟା- 2 ଏବଂ 3 ରେ ବିସ୍ତୃତ ହୋଇଥିବା ସମସ୍ତ ରିଟ୍ ଆବେଦନ ଏବଂ ରିଟ୍ ଅପିଲ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 15.05.2008 ସୁଧା ଶୁଣାଣି ଏବଂ ପରିସମାପ୍ତି କରାଯିବ ।
2. ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ନ୍ୟାୟାଧୀଶଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସମ୍ମୁଖରେ 11.02.2008 ରେ ହାଜର ହୁଅନ୍ତୁ, ଯାହାଦ୍ୱାରା ରିଟ୍ ଆବେଦନଗୁଡ଼ିକ ଏବଂ ରିଟ୍ ଅପିଲଗୁଡ଼ିକର ଶୁଣାଣି ଆରମ୍ଭ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରାଯାଇପାରିବ । ଯଦିଓ ରିଟ୍ ଆବେଦନଗୁଡ଼ିକର ଶୁଣାଣି ସାଧାରଣତଃ ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଚାରପତିଙ୍କ ଦ୍ୱାରା କରାଯାଇଥାଏ, ରିଟ୍ ଅପିଲଗୁଡ଼ିକର ଶୁଣାଣି ଖଣ୍ଡ ପୀଠଙ୍କ ଦ୍ୱାରା କରାଯିବାର ତଥ୍ୟକୁ ଦୃଷ୍ଟିରେ ରଖି, ସେହି ସମସ୍ତ ରିଟ୍ ଆବେଦନର ଶୁଣାଣି ଏକ ଖଣ୍ଡ ପୀଠଙ୍କ ଦ୍ୱାରା କରାଯିବ ।
3. ଏହା କୁହାଯାଇଛି ଯେ, କେତେକ ମକଦ୍ଦମା ନିମ୍ନ ନ୍ୟାୟାଳୟରେ ବିଚାରାଧୀନ ରହିଛି । ଉଚ୍ଚ ନ୍ୟାୟାଳୟଙ୍କର ମାନ୍ୟବର ମୁଖ୍ୟ ନ୍ୟାୟଧୀଶଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏପରି ସମସ୍ତ ମକଦ୍ଦମା ଉଚ୍ଚ ନ୍ୟାୟାଳୟଙ୍କୁ ହସ୍ତାନ୍ତର କରିବେ, ଯାହା ରିଟ୍ ଆବେଦନଗୁଡ଼ିକ ଏବଂ ରିଟ୍ ଅପିଲଗୁଡ଼ିକ ସହିତ ବିଚାର କରାଯିବ ।
4. ଯଦି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ବିବାଦର ପ୍ରକୃତି ସମ୍ବନ୍ଧୀୟ ମାମଲାଗୁଡ଼ିକ ଏହା ପରେ ଆରମ୍ଭ କରାଯାଏ, ତେବେ ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ ରିଟ୍ ଆବେଦନଗୁଡ଼ିକ, ରିଟ୍ ଅପିଲଗୁଡ଼ିକ ଏବଂ ମକଦ୍ଦମାଗୁଡ଼ିକ ସହିତ ଗ୍ରହଣ କରିବେ ଯାହା ଶୁଣାଣି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ମକଦ୍ଦମା କ୍ଷେତ୍ରରେ, ସ୍ଥାନାନ୍ତର ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟ ଯଦି ସେଗୁଡ଼ିକ ନିମ୍ନ ନ୍ୟାୟାଳୟଗୁଡ଼ିକରେ ଦାଖଲ କରାଯାଏ ।
5. ବିଶେଷ ଅନୁମତି ଆବେଦନରେ ଆବେଦନକାରୀମାନଙ୍କ ପାଇଁ ଏହା ମୁକ୍ତ ଅଛି, ଯଦି ପରାମର୍ଶ ଦିଆଯାଏ, ରିଟ୍ ଆବେଦନଗୁଡ଼ିକ, ରିଟ୍ ଅପିଲଗୁଡ଼ିକ ଏବଂ ମକଦ୍ଦମାଗୁଡ଼ିକର ଶୁଣାଣି କରୁଥିବା ପୀଠ ସମ୍ମୁଖରେ ଏବଂ ରିଟ୍ ଅପିଲ ସଂଖ୍ୟା- 267/2007 ରେ ପାରିତ ହୋଇଥିବା ତା31.10.2007ରିଖର ଆକ୍ଷେପିତ ଆଦେଶରେ ସଂଶୋଧନ/ବିଲୋମ ସମାଧାନ ପାଇଁ ଅନୁରୋଧ କରିପାରିବେ ।

ତଦନୁସାରେ ସ୍ଥାନାନ୍ତର ଆବେଦନ ଏବଂ ବିଶେଷ ଅନୁମତି ଆବେଦନର ପରିସମାପ୍ତି କରାଯାଉଛି ।

ଉପରୋକ୍ତ ଆଦେଶଗୁଡ଼ିକୁ ଦୃଷ୍ଟିରେ ରଖି ଅବମାନନା ଆବେଦନ ସଂଖ୍ୟା- 14/2008 କୁ ପ୍ରତ୍ୟାହାର କରାଯାଉଛି ।

ପକ୍ଷଭୁକ୍ତ କରିବା ପାଇଁ ଆବେଦନ ଉପରେ କୌଣସି ଆଦେଶ ନାହିଁ ।

ଆର୍.ପି. ସ୍ଥାନାନ୍ତର ଆବେଦନ ଏବଂ ବିଶେଷ ଅନୁମତି ଆବେଦନର ପରିସମାପ୍ତି କରାଗଲା ।

## ମେସର୍ସ ମାରୁତି କ୍ଲିନ୍ କୋଲ ଏବଂ ପାୱାର ଲିମିଟେଡ ବନାମ
## ବି.ଏଲ୍.ୱାଧେରା ଏବଂ ଅନ୍ୟମାନେ [ପଶାୟତ, ନ୍ୟାୟମୂର୍ତ୍ତି]

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**

**ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**